# NATIONAL NEWS BULLETIN (ODIA)
## 26 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍ ଆଜି **Sintered Rare Earth** ସ୍ଥାୟୀ ଚୁମ୍ବକ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୭ ହଜାର ୨୮୦ କୋଟି ଟଙ୍କା କଲେ ମଞ୍ଜୁର ।
- ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନକୁ ଆସନ୍ତାକାଲି ସମ୍ବୋଧନ କରିବେ ରାଷ୍ଟ୍ରପତି ।
- ଦେଶରେ ଆଜି ପାଳନ କରାଯାଉଛି ୭୬ତମ ସମ୍ବିଧାନ ଦିବସ ।
- ଦେଶରେ ଦୁଗ୍ଧ ଉତ୍ପାଦନ ପ୍ରକ୍ରିୟା ଏକ ପ୍ରମୁଖ କ୍ଷେତ୍ର ରୂପେ ପରିଗଣିତ ହୋଇଛି, କହିଲେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ୨କୋଟିରୁ ଊର୍ଦ୍ଧ୍ୱ ଆଧାର ନମ୍ବରକୁ ନିଷ୍କ୍ରିୟ କରିଛନ୍ତି ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ ।

# କ୍ୟାବିନେଟ୍ ଡିସିସନ୍

କେନ୍ଦ୍ର କ୍ୟାବିନେଟ୍ ଆଜି **Sintered Rare Earth** ସ୍ଥାୟୀ ଚୁମ୍ବକ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ୭ ହଜାର ୨୮୦ କୋଟି ଟଙ୍କା ମଞ୍ଜୁରୀ କରିଛନ୍ତି । ଏହା ଫଳରେ ବର୍ଷକୁ ୬ ହଜାର ମେଟ୍ରିକ୍ ଟନ୍ ସମନ୍ୱିତ **Rare Earth** ସ୍ଥାୟୀ ଚୁମ୍ବକ ଦେଶରେ ଉତ୍ପାଦନ କରାଯାଇପାରିବ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି **Rare Earth** ସ୍ଥାୟୀ ଚୁମ୍ବକ ସୁଦୃଢ଼ ସ୍ଥାୟୀ ବର୍ଗର ମ୍ୟାଗ୍ନେଟ୍ ଉତ୍ପାଦନ କରିବ, ଯାହା ବୈଦ୍ୟୁତିକ ଯାନ, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ସହାୟକ ହେବ । ଏହି ଯୋଜନା ଆରମ୍ଭ ହେବା ଫଳରେ ସମନ୍ୱିତ ଉତ୍ପାଦନ ସୁବିଧା ସୃଷ୍ଟି ହେବା ସହ **Rare Earth** ଅକ୍ସାଇଡ୍‌ରୁ ବିଭିନ୍ନ ଧାତୁ ଉତ୍ପାଦନ ହୋଇପାରିବ ।

ଦେଶରେ ବୈଦ୍ୟୁତିକ ଯାନ ଅକ୍ଷୟ ଶକ୍ତି, ଶିଳ୍ପ ବିନିଯୋଗ ତଥା ଉପଭୋକ୍ତା ଇଲେକ୍ଟ୍ରୋନିକ୍ସର ବର୍ଦ୍ଧିତ ଚାହିଦା ଯୋଗୁଁ ଦେଶରେ ଏହି ସ୍ଥାୟୀ ଚୁମ୍ବକର ବ୍ୟବହାର ୨୦୩୦ ସୁଦ୍ଧା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି । ତେବେ ବର୍ତ୍ତମାନ ଦେଶରେ ଏହି **Rare Earth** ସ୍ଥାୟୀ ଚୁମ୍ବକର ଚାହିଦା ମୁଖ୍ୟତ ଆମଦାନୀ ମାଧ୍ୟମରେ ପୂରଣ ହେଉଛି । ଏହି

ପଦକ୍ଷେପ ଫଳରେ ଦେଶ ଏହାର ପ୍ରଥମ ସମନ୍ୱିତ **Rare Earth** ସ୍ଥାୟୀ ଚୁମ୍ବକ ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିପାରିବ । ଏହି ବ୍ୟବସ୍ଥା ଆରମ୍ଭ ହେବା ଫଳରେ ଆସନ୍ତା ୨୦୭୦ ସୁଦ୍ଧା ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବ । ଏହି ଯୋଜନା ଅଧୀନରେ ଏକ ବିଶ୍ୱସ୍ତରୀୟ ବିଡିଂ ପ୍ରକ୍ରିୟା ମାଧ୍ୟମରେ ୫ ଜଣ ହିତାଧିକାରୀଙ୍କୁ କ୍ଷମତା ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି, ପୁନେ ମେଟ୍ରୋ ଦ୍ୱିତୀୟ ପର୍ଯ୍ୟାୟ ରେଳ ପ୍ରକଳ୍ପକୁ ମଧ୍ୟ ଆଜି କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି ।

ସରକାର ଖରଡ଼ି-ହରପସାର୍-ସ୍ୱର୍ଗେଟ୍-ଖଡ଼କ୍ୱାସଲାର ଲାଇନ୍-୪ ସେହିପରି ନାଲଷ୍ଟୋପ୍-ୱାର୍ଜେ-ମାନିକ୍ ବାଗ୍ ଲାଇନ୍-୪ଏ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ଆସନ୍ତା ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ, ଯେଉଁଥିରେ ୯ ହଜାର ୮୫୭ କୋଟି ଟଙ୍କା ବିନିଯୋଗ ହେବ ।

## ବିଧାନସଭା ଅଧିବେଶନ

ଓଡ଼ିଶା ବିଧାନସଭାର ସପ୍ତଦଶ ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ

ହୋଇଯାଇଛି । ଅଧିବେଶନର ପ୍ରଥମ ଦିନରେ ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିପାଇଁ ବିଧାନସଭା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରାଷ୍ଟ୍ରପତି ଆସନ୍ତାକାଲି ଅପରାହ୍ଣରେ ବିଧାନସଭାରେ ପହଞ୍ଚିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶୁକ୍ରବାର ଗୃହରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ସମ୍ବିଧାନ

ଭାରତୀୟ ସଂସଦ ବିଶ୍ୱର ଅନେକ ଦେଶ ପାଇଁ ଏକ ଉଦାହରଣ ପାଲଟିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଆଜି ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଗତ ଦଶନ୍ଧିରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସଂସଦ ଅନେକ ପରିମାଣରେ ସଫଳ ହୋଇଛି । ସମ୍ବିଧାନ ପ୍ରଣେତା ଦେଶବାସୀଙ୍କ ସାମୂହିକ ଏବଂ ବ୍ୟକ୍ତିଗତ

ମର୍ଯ୍ୟାଦା ଉଭୟକୁ ସମ୍ବିଧାନ ମାଧ୍ୟମରେ ସୁରକ୍ଷିତ ରଖିବାକୁ ପଦକ୍ଷେପ ଗ୍ରହଣ କରିଥିଲେ ।

ଏହି ଅବସରରେ ରାଷ୍ଟ୍ରପତି ସମ୍ବିଧାନର ମୁଖବନ୍ଧ ପଠନର ନେତୃତ୍ୱ ନେଇଥିଲେ । ୯ଟି ଆଞ୍ଚଳିକ ଭାଷା-ମାଲାୟାଲମ୍, ମରାଠି,ନେପାଳୀ, ପଞ୍ଜାବୀ, ବୋଡୋ, କାଶ୍ମୀରୀ, ତେଲୁଗୁ, ଓଡ଼ିଆ ଏବଂ ଆସାମୀରେ ଅନୁବାଦିତ ସମ୍ବିଧାନ ସଂସ୍କରଣ ଏହି ଅବସରରେ ଉନ୍ମୋଚନ କରାଯାଇଛି ।

## ପିଏମ୍-କନ୍ଷ୍ଟିଚ୍ୟୁସନ୍ ଡେ

ସମ୍ବିଧାନ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ଦେଶର ପ୍ରଗତିକୁ ମାର୍ଗଦର୍ଶନ କରିବାରେ ସମ୍ବିଧାନର ନିରନ୍ତର ଭୂମିକା ଉପରେ ଆଲୋକପାତ କରିଛନ୍ତି । ସମ୍ବିଧାନକୁ ସମ୍ମାନ ଜଣାଇବା ଲକ୍ଷ୍ୟନେଇ ୨୦୧୫ ମସିହାରେ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତ ଏକ ବିକଶିତ ଏବଂ ସଶକ୍ତ ରାଷ୍ଟ୍ର ଗଠନ ଆଡ଼କୁ ଅଗ୍ରସର ହେଉଥିବାରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶ ପ୍ରତି ରହିଥିବା କର୍ତ୍ତବ୍ୟ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି ।

## ପ୍ରେଜ୍-ସୁପ୍ରିମ୍‌କୋର୍ଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତୀୟ ସମ୍ବିଧାନ ଦେଶର ଜାତୀୟ ମହାକାବ୍ୟ । ଏହାକୁ ଅନୁସରଣ କରିବା ସମସ୍ତ ନାଗରୀକଙ୍କ କର୍ତ୍ତବ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି । ନୂଆଦିଲ୍ଲୀରେ ସୁପ୍ରିମ୍‌କୋର୍ଟ୍ ପକ୍ଷରୁ ଆୟୋଜିତ ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ଦେଶର ପିଲାମାନେ ମଧ୍ୟ ସମ୍ବିଧାନ ବିଷୟରେ ସଚେତନ ହେବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ।

## କୋଲ୍ ଅକ୍‌ସନ୍

କୋଇଲା ମନ୍ତ୍ରଣାଳୟ ପକ୍ଷରୁ ତ୍ରୟୋଦଶତମ ବ୍ୟବସାୟିକ କୋଇଲା ବ୍ଲକ୍ ବିଡିଂରେ ତିନୋଟି ବ୍ଲକ୍‌ର ନିଲାମି ପ୍ରକ୍ରିୟା ଶେଷ ହୋଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ନିଲାମି ପ୍ରକ୍ରିୟା ଶେଷ ହେବା ପରେ ବାର୍ଷିକ ରାଜସ୍ୱ ପ୍ରାୟ ୪ ହଜାର କୋଟି ଟଙ୍କା ମିଳିବା ସହ ୭ ହଜାର କୋଟି ଟଙ୍କାର ବୃହତ୍ ପୁଞ୍ଜିନିବେଶ ସୃଷ୍ଟି ହେବାର ଆକଳନ କରାଯାଉଛି । ଏହି ପ୍ରକ୍ରିୟା ଫଳରେ ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଝାଡ଼ଖଣ୍ଡର ପିର୍‌ପାନ୍ତି ବରାହଟ୍‌ର ଦୁଇଟି କୋଲ୍ ବ୍ଲକ୍ ଏବଂ ଧୁଲିଆ ନର୍ଥ୍‌ସ୍ ଅଞ୍ଚଳର ଗୋଟିଏ ତଥା ଓଡ଼ିଶାର ମନ୍ଦାକିନୀ-ବି କୋଲ୍ ବ୍ଲକ୍ ଅନ୍ତର୍ଭୁକ୍ତ । ଏହି ବ୍ୟବସାୟିକ

ନିଲାମୀ ପ୍ରକ୍ରିୟା ଗତମାସ ୨୧ ତାରିଖରୁ ଆରମ୍ଭ ହୋଇଥିଲା । ଚଳିତ ମାସ ୨୦ରୁ ୨୫ ତାରିଖ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହୋଇଛି । ଏ ପର୍ଯ୍ୟନ୍ତ ୨୦୨୦ ମସିହାରୁ ୧୩୬ଟି କୋଲ୍ ବ୍ଲକ୍‌ର ନିଲାମୀ ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଥିବା ନେଇ ସୂଚନା ମିଳିଛି ।

## ବାଘେଲ-ନ୍ୟାସନାଲ୍ ମିଲକ୍ ଡେ

ମତ୍ସ୍ୟ, ପ୍ରାଣୀ ସମ୍ପଦ ତଥା ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏସ୍.ପି. ସିଂହ ବାଘେଲ୍ କହିଛନ୍ତି, ଦେଶରେ ଦୁଗ୍ଧ ଉତ୍ପାଦନ ପ୍ରକ୍ରିୟା ଏକ ପ୍ରମୁଖ କ୍ଷେତ୍ର ରୂପେ ପରିଗଣିତ ହୋଇଛି । ଏହାର ପ୍ରଗତି ଗ୍ରାମ ଏବଂ କୃଷକମାନଙ୍କ ଉପରେ ନିର୍ଭରଶୀଳ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ନୂଆଦିଲ୍ଲୀ ଠାରେ ଜାତୀୟ ଦୁଗ୍ଧ ଦିବସ ୨୦୨୫ ପାଳନ ଅବସରରେ ଡକ୍ଟର ବାଘେଲ୍ ଏହା କହିଛନ୍ତି । ଦେଶରେ ପ୍ରଚୁର ପରିମାଣର ଦୁଗ୍ଧ ଉତ୍ପାଦନର ହେଉଛି, ଯାହା ବିଶ୍ୱର ଅନ୍ୟ ଦେଶମାନଙ୍କଠାରୁ ବହୁ ଅଧିକ । ଦୁଗ୍ଧ ବିପ୍ଳବର ଜନକ ଭର୍ଗିଜ୍ କୁରିଆନ୍‌ଙ୍କ ପଦକ୍ଷେପକୁ ପ୍ରଶଂସା କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଏହି ବିପ୍ଳବ ଆସିବା ଫଳରେ କୃଷକମାନେ ମଧ୍ୟସ୍ଥି ବ୍ୟବସାୟରୁ ମୁକ୍ତ ହେବା ସହ ସମ୍ମାନ ଫେରି ପାଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ୧୫ ଜଣ ଦୁଗ୍ଧ ଚାଷୀଙ୍କୁ ଜାତୀୟ ଗୋପାଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି । ଦୁଗ୍ଧ ଉତ୍ପାଦନ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ସହ ଏହାର ସୁଦୃଢ଼ିକରଣ କରିବାକୁ ସରକାରଙ୍କ ପକ୍ଷରୁ

ବିଭିନ୍ନ ଯୋଜନାର ଶୁଭାରମ୍ଭ ହୋଇଛି । ଏଥିରେ ୯ଟି ବିବିଧ ପ୍ରଜନନ ଫାର୍ମର ଲୋକାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦୁଗ୍ଧ ଉତ୍ପାଦନ ସମ୍ପର୍କିତ ୨୦ଟି ଜାତୀୟ କାର୍ଯ୍ୟକ୍ରମକୁ ଶ୍ରୀ ବାଘେଲ୍ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ଦୁଗ୍ଧ ଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ଦେଶରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ୟୁଆଇଡିଏଆଇ-ଆଧାର

ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ (ୟୁ.ଆଇ.ଡି.ଏ.ଆଇ.) ୨ କୋଟିରୁ ଊର୍ଦ୍ଧ୍ୱ ଆଧାର ନମ୍ବରକୁ ନିଷ୍କ୍ରିୟ କରିଛି । ଆଧାର ପରିସଂଖ୍ୟାନରୁ ଜଣାପଡ଼ିଛି ବହୁ ମୃତ ବ୍ୟକ୍ତିଙ୍କର ମଧ୍ୟ ପୂର୍ବରୁ ଆଧାର ନମ୍ବର ରହିଥିବା ଜଣାପଡ଼ିବା ପରେ ଏଗୁଡ଼ିକୁ ସରକାର ଅଚଳ କରିଛନ୍ତି ।

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି, ଗୋଟିଏ ଆଧାର ନମ୍ବରରେ ଏକରୁ ଅଧିକ ବ୍ୟକ୍ତିଙ୍କ ନାମ ରହିଥିବାରୁ ମଧ୍ୟ ଏହି ପଦକ୍ଷେପ ନିଆଯାଇଛି । ମନ୍ତ୍ରଣାଳୟ କହିଛି, ଯଦି କୌଣସି ବ୍ୟକ୍ତି ପ୍ରାଣ ହରାଉଛନ୍ତି ତେବେ ତାଙ୍କର ଆଧାର ନମ୍ବରକୁ ତୁରନ୍ତ ଅଚଳ କରାନଗଲେ ବିଭିନ୍ନ ଠକେଇ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ୟୁ.ଆଇ.ଡି.ଏ.ଆଇ. ପକ୍ଷରୁ କୁହାଯାଇଛି, ସମ୍ପୃକ୍ତ ବ୍ୟକ୍ତିଙ୍କର

ମୃତ୍ୟୁ ହେଲେ ତାଙ୍କର ପରିବାର ପକ୍ଷରୁ ଏହି ସୂଚନା ତୁରନ୍ତ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି । ପରେ ସେହି ମୃତ ବ୍ୟକ୍ତିଙ୍କର ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ପରିବାର ପକ୍ଷରୁ ଆବେଦନ କରାଯିବା ଉଚିତ୍ । କର୍ତ୍ତୃପକ୍ଷଙ୍କ ପକ୍ଷରୁ ମାଇଁ ଆଧାର ପୋର୍ଟାଲ୍‌ରେ ମୃତ ବ୍ୟକ୍ତିଙ୍କ ସୂଚନା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ଏହି ପ୍ରକ୍ରିୟା ଦେଶର ୨୪ଟି ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହୋଇଥିବା ନେଇ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଇଣ୍ଡିଆ-ୟୁଏଇ

ଭାରତ ଏବଂ ୟୁ.ଏ.ଇ. କନ୍‌ସୁଲାର୍ ଭିସା ଏବଂ ଆଇନ୍‌ଗତ ପ୍ରସଙ୍ଗ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଆବୁଧାବିଠାରେ ଅନୁଷ୍ଠିତ ଭାରତ-ୟୁ.ଏ.ଇ. କନ୍‌ସୁଲାର୍ ବ୍ୟାପାର ମିଳିତ କମିଟିର ଷଷ୍ଠ ବୈଠକରେ ଉଭୟ ଦେଶରେ ରହୁଥିବା ନାଗରିକଙ୍କ ସୁରକ୍ଷା, ସମ୍ମାନ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଦୁଇ ଦେଶ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଅରୁଣ ଚାଟାର୍ଜୀ ଭାରତୀୟ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଉଛନ୍ତି । ୟୁ.ଏ.ଇ.ରେ ରହୁଥିବା ଭାରତୀୟ ସମ୍ପ୍ରଦାୟଙ୍କ କଲ୍ୟାଣ ପାଇଁ ୟୁ.ଏ.ଇ. ନେତୃତ୍ୱ ଏବଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା

ସମର୍ଥନକୁ ଭାରତ ପ୍ରଶଂସା କରିଛି । ଯାହା ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।